# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଦାଉଦ ଛୋଟ ମେଷପାଳକ


ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଅନୁବାଦକ: Prasanta Bhuyan

ଉପ୍ଯୋଜକ: Ruth Klassen


କାହାଣି ୬୦ ରୁ ୧୯


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ପ୍ତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,· ଯେଉଁ ପ୍ର୍ଯନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ବହୁବର୍ଷ ପୂର୍ବେ, ଇସ୍ରାଏଲର ରାଜା ଶାଉଲଙ୍କ ସମୟରେ, ଏକ ବାଳକ ଯାହାର ନାମ ଦାଉଦ ଥିଲା ଯେ ନିଜର ସାତ ଭାଇମାନଙ୍କୁ ପିତାଙ୍କ ମେଷ ଚ଼ରାଇବାରେ ସାହାଯ୍ୟ କଲା । ଯଦ୍ୟପି ସେ କନିଷ୍ଠ ଥିଲେ, ଦାଉଦ ମଜଭୁତ୍ ଥିଲେ, ନିର୍ଭୟ ଯେ ସଦାପ୍ରଭୁଙ୍କୁ ଭୟ ଓ ଭରଷା କରୁଥିଲେ । ସେ ବେଥଲିହିମ ନଗରରେ ବାସ କରୁଥିଲେ ।





ଏକ ସମୟରେ ଏକ ଯୁବାସିଂହ ତାଙ୍କର ମେଷମାନଙ୍କୁ ଆକ୍ରମଣ କରି ଛୋଟ ମେଷକୁ ଖାଦ୍ୟ ନିମନ୍ତେ ନେଇଗଲା । ଯୁବକ ଦାଉଦ ଆକ୍ରମଣକାରିକୁ ଆକ୍ରମଣ କଲେ । ତାହା ପାଟିରୁ ସେହି ଛୋଟିଆ ମେଷକୁ ଛଡ଼ାଇ ନେଲେ, ସେ ମାଡ଼ିଆସୁଥିବା ସିଂହର ଦାଢ଼ିରେ ଧରି ତାହକୁ ବଧକଲେ । ଦାଉଦ ଜାଣିଥିଲେ ସଦାପ୍ରଭୁ ତାଙ୍କୁ ସାହାଯ୍ୟ କଲେ ।



ଶାମୁୟେଲ୍, ସଦାପ୍ରଭୁଙ୍କର ଜଣେ ଭବିଷ୍ୟଦବକ୍ତା, ଏବେମଧ୍ୟ ଦୁଃଖିତ କାରଣ ରାଜା ଶାଉଲ ସଦାପ୍ରଭୁଙ୍କୁ ଅତି ଖରାପ ଭାବରେ ବିଫଳ କଲେ । ତୁମ୍ଭେ କେତେକାଳ ଶାଉଲଙ୍କ ନିମନ୍ତେ ଶୋକ କରିବ, ସଦାପ୍ରଭୁ ଶାମୁୟେଲଙ୍କୁ କହିଲେ । ଆମ୍ଭେ ତୁମ୍ଭକୁ ଯିଶିଙ୍କ ନିକଟକୁ ପ୍ରେରଣ କରିଅଛୁ କାରଣ ଆମ୍ଭେ ଆମ୍ଭ ନିମନ୍ତେ ଏକ ରଜା ନିର୍ଣ୍ଣୟ କରିଅଛୁ । ଯିଶି ଦାଉଦଙ୍କର ପିତା ଥିଲେ ।



3

ଯଦିବା ଶାମୁୟେଲ୍ ଜ୍ଞାତ ଥିଲେ ଯେ ଏନ୍ୟ ଏକ ରଜା ଚୟନ କରିବା ହେତୁରୁ ରାଜା ଶାଉଲ ଦାଉଦଙ୍କୁ ବଧ କରିପାରନ୍ତି, ଭବିଷ୍ୟଦବକ୍ତା ସଦାପ୍ରଭୁଙ୍କର ବାଧ୍ୟ ହେଲେ ।



4

ଯେତେବେଳେ ଶାମୁୟେଲ୍ ପହଞ୍ଚିଲେ, ଯିଶି ନିଜର ସାତ ପୁତ୍ରଙ୍କୁ ଶାମୁୟେଲଙ୍କ ସମ୍ମୁଖରେ ଗମନ କରାଇଲେ । ଏବଂ ଶାମୁୟେଲ୍ ଯିଶିଙ୍କୁ କହିଲେ, ସଦାପ୍ରଭୁ ଏମାନଙ୍କ ମଧ୍ୟରୁ କାହାରିକି ମନୋନିତ କରିନାହାନ୍ତି । କେବଳ ଜଣେ ବାକି ରହିଲା, ସେ ସବୁଠାରୁ ସାନ ଅଟଇ । ସେ ମେଷମାନଙ୍କ ସହିତ ବାହାରେ ଥିଲେ । ସେମାନେ ଦାଉଦଙ୍କୁ ଭିତରକୁ ଆଣିଲେ । ସଦାପ୍ରଭୁ କହିଲେ, ଉଠ ଏହାକୁ ଅଭିଷେକ କର କାରଣ ଏ ସେହି ଅଟେ ।



5

ଶାଉଲଙ୍କ ରାଜମହଲରେ, ସଦାପ୍ରଭୁଙ୍କ ଆତ୍ମା ଶାଉଲଙ୍କଠାରୁ ପ୍ରସ୍ଥାନ କଲା ଏବଂ ସେ ଅତ୍ୟଧିକ ବିରକ୍ତ ହୋଇଗଲେ । ତାଙ୍କର ଦାସମାନେ ଚିନ୍ତାକଲେ ହୋଇପାରେ ଉତ୍ତମ ସଂଙ୍ଗିତ ଶାଉଲଙ୍କୁ ଠିକ୍ କରିଦେଇପାରେ । ସେମାନଙ୍କ ମଧ୍ୟରୁ ଜଣେ ଏକ ଉତ୍ତମ ବିଣା ବାଦକ ବିଷୟରେ ଜାଣିଥିଲେ । ତୁମେ ଅନୁମାନ କରିପାର କି ସେହ ଯୁବକ କିଏ ଥିଲା?
ହଁ, ଦାଉଦ ।



6

ଦାଉଦଙ୍କର ସଂଙ୍ଗିତ ଶାଉଲଙ୍କ ମନରେ ଶାନ୍ତନା ଦେଲା ଓ ସଳଖ ଚିନ୍ତା କରିବାକୁ ସାହାଯ୍ୟ କଲା । ରାଜପ୍ରାସାଦରେ ଦାଉଦ ରାଜାଙ୍କ ସେବାକାର୍ଯ୍ୟକରୁ ବୋଲି ଶାଉଲ ଯିଶିଙ୍କୁ କହିଲେ । ଯେତେବେଳେ ଶାଉଲ ମନ୍ଦଆତ୍ମାଦ୍ୱାରା ଆକ୍ରାନ୍ତରେ ଅବସାଦ ହେଉଥିଲେ, ଭୟକରୁଥିଲେ, ଦାଉଦ ତାଙ୍କ ନିମନ୍ତେ ବିଣା ବଜାଇଲେ ।
ଏହା ତାଙ୍କୁ ସାହାଯ୍ୟ କଲା ।



7

ଯେତେବେଳେ ଜାଉଦ ନିଜ ଗୃହକୁ ଗଲେ, ଶାଉଲ ପଲେଷ୍ଟିୟମାନଙ୍କ ସହିତ ମହାସସମର କଲେ । ଦାଉଦଙ୍କ ଭାଇମାନେ ଶାଉଲଙ୍କ ସୌନ୍ୟଦଳରେ ଥିଲେ । ଯିଶୀ ନିଜ ପୁତ୍ରମାନଙ୍କ କୁଶଳ ମଙ୍ଗଳ ଜ୍ଞାତ କରିବା ନିମିତ୍ତ ନିଜ ପୁତ୍ର ଦାଉଦଙ୍କୁ ସେମାନଙ୍କ ନିଟକୁ ପ୍ରେରଣ କଲେ ।



8


ଏକ ବିରାଟ ମଲ୍ଲଯୋଦ୍ଧା ପଲେଷ୍ଟିୟମାନଙ୍କର ଏକ ସୌନ୍ୟ ଥିଲା, ତାହାର ନାମ ଗଲିୟାତ, ସେ ଇସ୍ରଏଲୀୟ ସୌନ୍ୟଦଳକୁ ଭୟଭିତ କରି ରଖିଥିଲେ ।
9


ତୁମ୍ଭେମାନେ ଆପଣାପାଇଁ ଜଣେ ଲୋକ ମନୋନୀତ କର, ସେ ମୋ କତିକି ଓହ୍ଲାଇ ଆସୁ, ଗଲିୟାତ କହିଲେ । ଯଦି ସେ ମୋ ସଂଙ୍ଗେ ଯୁଦ୍ଧ କରି ପାରିବ ଓ ମୋତେ ବଧ କରିବ ତେବେ ଆମ୍ଭେମାନେ ତୁମ୍ଭମାନଙ୍କର ସେବକ ହେବା । ମାତ୍ର ଯଦି ମୁଁ ତାହାଙ୍କୁ ବଧ କରିବି, ତେବେ ତୁମ୍ଭେମାନେ ଆମ୍ଭମାନଙ୍କର ଦାସ ହେବ ଓ ଆମ୍ଭମାନଙ୍କର ଦାସ୍ୟକର୍ମ କରିବ । ସମସ୍ତ ଇସ୍ରଏଲୀୟ ଲୋକ ଯେତେବେଳେ ସେହି ଭୟଙ୍କର ଲୋକଙ୍କୁ
ଦେଖିଲେ, ସେମାନେ ହତାଶ ହେଲେ ଓ ସେହି ସ୍ଥାନରୁ ପଳାୟନ କଲେ ।
10


ତେଣୁ ଦାଉଦ ଶାଉଲଙ୍କୁ କହିଲେ, ତାହା ସକାଶୁଁ କାହାର ହୃଦୟ ନିରାଶ ନ ହେଉ ଆପଣଙ୍କ ଦାସ ଯାଇ ସେହି ପଲେଷ୍ଟିୟ ସହିତ ଯୁଦ୍ଧ କରିବ । ଶଉଲ ଚାହିଁଲେ ଦାଉଦ ଯେପରି ଯୁଦ୍ଧବସ୍ତ୍ର ପରିଧାନ କରିବେ ଓ ଖଡ୍ଗ ଆପଣା ବସ୍ତ୍ରରେ ବାନ୍ଧି ଯୁଦ୍ଧକ୍ଷେତ୍ରକୁ ଯିବେ । ତାହା ପରିବର୍ତ୍ତେ ଦାଉଦ କେବଳ ତାହାର ଯଷ୍ଠି ଓ ଛାଟିଣି ଓ ନଦୀରୁ ପାଞ୍ଚଟି ଚିକ୍କଣ ପଥର ବାଛିନେଇ ଆପଣା ଝୁଲିରେ ରଖିଲେ ।
11


ଗଲିୟାତ ତାଙ୍କୁ ଦେଖି ହସିପକାଇଲେ କାରଣ ଦାଉଦ ଯୁବକ ସେ ଯୁଦ୍ଧଶଯ୍ୟା ମଧ୍ୟ ପରିଧାନ କରିନଥିଲେ । ମୁଁ ତୁମ୍ଭର ମାଂଶ ଆକାଶର ପକ୍ଷୀ ଓ ପ୍ରାନ୍ତରର ପଶୁମାନଙ୍କୁ ଦେବି, ଗଲିୟାତ କହିଲେ । ମୁଁ ତୁମ୍ଭ ନିକଟକୁ ସଦାପ୍ରଭୁଙ୍କ ନାମରେ ଆସିଅଛି, ଦାଉଦ ଉତ୍ତର ଦେଲେ । ଆଜି ସଦାପ୍ରଭୁ ତୁମ୍ଭକୁ ମୋ ହସ୍ତରେ ସମର୍ପଣ କରିବେ । କାରଣ ଏହି ଯୁଦ୍ଧ ସଦାପ୍ରଭୁଙ୍କର ଅଟେ ।
12


ତାହପରେ ଦାଉଦ ଧାଇଁଯାଇ ଗଲିୟାତ ଆଡ଼କୁ ଆଗ୍ରସର ହେଲେ । ସେ ଦୌଡ଼ିବା ସମୟରେ, ଗୋଟିଏ ପଥର ନିଜ ଛାଟିଣିରେ ରଖି ଗଲିୟାତଙ୍କୁ ଆଘାତ କଲେ । ସେହି ପଥର ଯାଇ ଗଲିୟାତର କପାଳରେ ବାଜିଲା । ଗଲିୟାତ ଟଳିପଡ଼ିଲେ ।
13


ଦାଉଦ ଶିଘ୍ର ଦୌଡ଼ିଯାଇ ତାହାର ଖଡ୍ଗ ନେଇ ତାହାର ମସ୍ତକ ଛେଦନ କଲେ । ଯେତେବେଳେ ପଲେଷ୍ଟିୟମାନେ ଦେଖିଲେ ଗଲିୟାତ ମରିଗଲେ, ସେମାନେ ନିଜ ଜୀବନ ବଞ୍ଚାଇବାକୁ ସେଠାରୁ ଦୌଡ଼ି ପଳାଇଗଲେ ।
14

ରାଜା ଶାଉଲ ଭୁଲିଯାଇଥିଲେ ଏ ସେହି ଦାଉଦ ଯେ ତାଙ୍କୁ ବିଣାର ସଂଙ୍ଗିତଦ୍ୱାରା ତାହଙ୍କୁ ଶାନ୍ତ କରିଥିଲେ । ସେ ଦାଉଦଙ୍କୁ ଯୋଦ୍ଧାମାନଙ୍କ ଉପରେ ନିଯୁକ୍ତ କଲେ । ମାତ୍ର ପରେ ସେ ଦାଉଦଙ୍କ ଉପରେ ଇର୍ଷା କଲେ, ଯେତେବେଳେ ଲୋକମାନେ ତାଙ୍କର ବିଜୟ ନିମନ୍ତେ ଦାଉଦଙ୍କୁ ସମାଦର କଲେ । ବର୍ତ୍ତମାନ୍ ତାହାପାଖରେ କଅଣ ଅଛି କେବଳ ଦେଶ, ଶାଉଲ ଭାବିଲେ । ତେଣୁ ଶାଉଲ ସେହି ଦିନଠାରୁ ଦାଉଦଙ୍କ ଉପରେ ଆଖି ପକାଇଲେ ।



15

ପୁନର୍ବାର ଶାଉଲଙ୍କୁ ମନ୍ଦଆତ୍ମା ଆକ୍ରାନ୍ତ କରିଲା । ଆଉ ଦାଉଦ ପ୍ରତିଦିନ ପରି ହସ୍ତରେ ବାଦ୍ୟ ବଜାଇଲେ । ପ୍ରାୟ ତିନିଥର ଶାଉଲ ନିଜର ବର୍ଚ୍ଛା ଦାଉଦଙ୍କ ଉପରକୁ ଫିଙ୍ଗିଲେ, ମାତ୍ର ଦାଉଦ ତାଙ୍କ ନିକଟରୁ ଘୁଞ୍ଚିଗଲେ । ଶଉଲ ଦାଉଦଙ୍କୁ ଭୟ କରୁଥିଲେ, କାରଣ ସେ ଜାଣିଥଲେ ସଦାପ୍ରଭୁ ତାଙ୍କ ସହିତ ଥିଲେ । ମାତ୍ର ଶାଉଲଙ୍କୁ ପରିତ୍ୟାଗ କରିଥିଲେ ।



16

କିନ୍ତୁ ଯୋନାଥନ, ଶାଉଲଙ୍କର ପୁତ୍ର, ଦାଉଦଙ୍କୁ ନିଜର ଭାଇ ସମ ପ୍ରେମ କଲେ । ସେ ଦାଉଦଙ୍କୁ ସାବଧାନ କରି କହିଲେ, ମୋହର ପିତା ଶାଉଲ ତୁମ୍ଭକୁ ବଧ କରିବାକୁ ପ୍ରୟାସ କରୁଛନ୍ତି । ତେଣୁ ଦାଉଦ ସେଠାରୁ ଖସି ପଳାଇଗଲେ । ତାଙ୍କ ସ୍ତ୍ରୀ ତାଙ୍କ ସ୍ଥାନରେ ଏକ ମୂର୍ତ୍ତିନେଇ ଶଯ୍ୟାରେ ଶୁଆଇଲା, ସେ ମଧ୍ୟରାତ୍ରରେ ଦାଉଦଙ୍କୁ ଝରକାରୁ ତଳକୁ ଓହ୍ଲାଇଦେଲା । ଯେତେବେଳେ ତାଙ୍କ ଦୂତମାନେ ସକାଳେ ଦାଉଦଙ୍କୁ ଧରି ନେବପାଇଁ ଆସିଲେ । ମାତ୍ର ଦାଉଦ ପଳାଇଯାଇଥିଲେ ।



17

ଦାଉଦଙ୍କୁ ଶାଉଲଙ୍କ ସମ୍ମୁଖରୁ ଦୂରକୁ ପଳାଇଯିବାକୁ ପଡ଼ିଲା । ତାହା ପୂର୍ବରୁ, ଦାଉଦ ଓ ଯୋନାଥନ୍ ଦୁହେଁ ଏକ ପ୍ରତିଜ୍ଞା କଲେ । ସେମାନେ ସର୍ବଦା ପରଷ୍ପରକୁ ସାହାଯ୍ୟ କରିବାକୁ ଶପଥ କଲେ । ଦୁଃଖର ସହିତ, ଦୁଇବନ୍ଧୁ ଅଲଗା ହୋଇଗଲେ । ଦାଉଦ ନିଜପାଇଁ ଏକ ସ୍ଥାନ ଖୋଜିବାକୁ ଗଲେ ଯେଉଁଠାରେ ଶାଉଲଙ୍କ ସୈନ୍ୟମାନେ ତାଙ୍କୁ ଖୋଜି ପାଇବାର ଭୟ ନଥିବ ।



18

ଦାଉଦ ଛୋଟ ମେଷପାଳକ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରଥମ ଶାମୁୟେଲ୍ ୧୬-୨୦

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।